# NATIONAL NEWS BULLETIN (ODIA)
## 16th March - 2025
## Evening Bulletin : 7.15 p.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀରେ ଆସନ୍ତାକାଲି ଉଦ୍‌ଘାଟନ କରିବେ ରାଇସିନା ଆଲୋଚନା-୨୦୨୫ର ଦଶମ ସଂସ୍କରଣ ।

— ମୁଖ୍ୟ ଅତିଥି ଭାବେ ଯୋଗଦେବେ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ।

- ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଘୋଷଣା ହେଲା ମୁକ୍ତ ବାଣିଜ୍ୟ ବୁଝାମଣା ।

- ଭାରତବାସୀ ସଦ୍‌ଭାବରେ ବିଶ୍ୱାସ କରନ୍ତି, ଶାନ୍ତି ଚାହାନ୍ତି; ପୋଡ୍‌କାଷ୍ଟରେ ମତପ୍ରକାଶ କଲେ ପ୍ରଧାନମନ୍ତ୍ରୀ ।

- ବୋଡ଼ୋଲାଣ୍ଡର ବିକାଶପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ; କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

ଏବଂ

- ମାସିଡୋନିଆରେ ଏକ କ୍ଲବ୍‌ରେ ଅଗ୍ନିକାଣ୍ଡ ଘଟି ୫୧ ମୃତ; ଶହେରୁ ଊର୍ଦ୍ଧ୍ୱ ଆହତ ।

## ପି.ଏମ୍. - ରାଇସିନା ଡାଏଲଗ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ନୂଆଦିଲ୍ଲୀରେ ରାଇସିନା ଆଲୋଚନା-୨୦୨୫ର ଦଶମ ସଂସ୍କରଣର ଉଦ୍‌ଘାଟନ କରିବେ । ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଖ୍ରୀଷ୍ଟୋଫର ଲକ୍ସନ୍ ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେବେ । ତିନିଦିନିଆ ରାଇସିନା ଆଲୋଚନା ଆସନ୍ତାକାଲିଠାରୁ ଆରମ୍ଭ ହୋଇ ଆସନ୍ତା ୧୯ ତାରିଖ ବୁଧବାର ପର୍ଯ୍ୟନ୍ତ ଚାଲିବ । ଚଳିତ ବର୍ଷର ବିଷୟବସ୍ତୁ ରହିଛି, “କାଳଚକ୍ର - ପିପୁଲ୍, ପିସ୍ ଆଣ୍ଡ ପ୍ଲାନେଟ୍” । ଆଲୋଚନାଚକ୍ରରେ ବିଶ୍ୱର ପ୍ରମୁଖ ନେତା ଏବଂ ସିଦ୍ଧାନ୍ତକାରୀ ବ୍ୟକ୍ତିମାନେ ମୁଖ୍ୟତଃ ୬ଟି ବିଷୟବସ୍ତୁ ଉପରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ପ୍ରାୟ ୧୨୫ଟି ଦେଶର ପ୍ରତିନିଧିମାନେ ଦଶମ ରାଇସିନା ଆଲୋଚନାରେ ଅଂଶଗ୍ରହଣ କରିବେ । ମନ୍ତ୍ରୀ, ରାଜ୍ୟର ପୂର୍ବତନ ମୁଖ୍ୟ, ସାମରିକ କମାଣ୍ଡର୍, ଶିଳ୍ପମୁଖ୍ୟ, ବୈଷୟିକବିତ୍, ଶିକ୍ଷାବିତ୍, ସାମ୍ବାଦିକ, ବିଶେଷଜ୍ଞ ଏବଂ ଯୁବବର୍ଗ

ଆଲୋଚନାରେ ଭାଗନେବେ । ସେହିପରି ବିଶ୍ୱର ୩ ହଜାର ୫ ଶହରୁ ଉର୍ଦ୍ଧ୍ୱ ବ୍ୟକ୍ତି ବିଭିନ୍ନ ଡିଜିଟାଲ୍ ପ୍ଲାଟ୍‌ଫର୍ମରେ ଅଂଶଗ୍ରହଣ କରିବେ ।

## ନ୍ୟୁଜିଲାର୍ଡ ପି.ଏମ୍. - ଇଣ୍ଡିଆ ଭିଜିଟ୍

ନ୍ୟୁଜିଲାଣ୍ଡର ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ୫ଦିନିଆ ଭାରତ ଗସ୍ତରେ ଆସି ଆଜି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ତାଙ୍କ ସହ ମନ୍ତ୍ରିମଣ୍ଡଳର କେତେକ ସଦସ୍ୟ, ବରିଷ୍ଠ ଅଧିକାରୀ, ବ୍ୟବସାୟୀ, ଗଣମାଧ୍ୟମ ଏବଂ ପ୍ରବାସୀ ଭାରତୀୟ ପ୍ରତିନିଧିଙ୍କ ସମେତ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଭାରତ ଗସ୍ତରେ ଆସିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଆସନ୍ତାକାଲି ନ୍ୟୁଜିଲାଣ୍ଡ କର୍ତ୍ତୃପକ୍ଷ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ନୂଆଦିଲ୍ଲୀଠାରେ ଆଲୋଚନା କରିବେ । ବୈଠକରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଲକ୍ଷ୍ୟନେଇ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହେବାର ସମ୍ଭାବନା ରହିଛି । ନ୍ୟୁଜିଲାଣ୍ଡର ପ୍ରଧାନମନ୍ତ୍ରୀ ଶ୍ରୀ ଲକ୍ସନ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମଧ୍ୟ ସାକ୍ଷାତ୍ କରିବାର କାର୍ଯ୍ୟସୂଚୀ ରହିଛି । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ଲକ୍ସନ ମୁମ୍ବଇ ଗସ୍ତରେ ଯାଇ ବିଭିନ୍ନ ବ୍ୟବସାୟୀ ଗୋଷ୍ଠୀଙ୍କ ସହ ଆଲୋଚନା କରିବେ ।

ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ଭାଗିଦାରୀକୁ ଅଧିକ ସୁଦୃଢ଼ କରିବା ଏବଂ ବିଭିନ୍ନ କ୍ଷେତ୍ରରେ ସମ୍ପର୍କର ନୂତନ ମାର୍ଗକୁ ଉନ୍ମୋଚନ କରିବା ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ।

ରାଇସିନା ଆଲୋଚନା ହେଉଛି ଭୂ-ରାଜନୀତି ଏବଂ ଭୂ-ଅର୍ଥନୀତି ଉପରେ ଭାରତରେ ଅନୁଷ୍ଠିତ ପ୍ରମୁଖ ସମ୍ମିଳନୀ । ବିଭିନ୍ନ କ୍ଷେତ୍ରରେ ବୈଶ୍ୱିକ ସମସ୍ୟାର ମୁକାବିଲା ଦିଗରେ ଏହି ସମ୍ମିଳନୀରେ ମତ ବିନିମୟ ହୋଇଥାଏ । ରାଜନୀତି, ବ୍ୟବସାୟ, ଗଣମାଧ୍ୟମ ଓ ନାଗରିକ ସମାଜର ନେତୃସ୍ଥାନୀୟ ବ୍ୟକ୍ତି ଏହି ଆଲୋଚନା ବୈଠକରେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ପରସ୍ପର ସହ ମତ ବିନିମୟ କରିଥାନ୍ତି । ଅବଜରଭର ରିସର୍ଚ୍ଚ ଫାଉଣ୍ଡେସନ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମିଳିତ ସହଯୋଗରେ ପ୍ରତ୍ୟେକ ବର୍ଷ ଏହି ସମ୍ମିଳନୀ ଆୟୋଜିତ ହୋଇଥାଏ ।

## ଇଣ୍ଡିଆ-ନ୍ୟୁଜିଲାଣ୍ଡ ଏଫ୍.ଟି.ଏ.

ଭାରତ ଓ ନ୍ୟୁଜିଲାଣ୍ଡ ଏକ ବ୍ୟାପକ ଏବଂ ଆପୋଷ ହିତସାଧନକାରୀ ମୁକ୍ତ ବାଣିଜ୍ୟ ବୁଝାମଣା ଶୁଭାରମ୍ଭର ଘୋଷଣା କରିଛନ୍ତି । କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପିୟୁଷ ଗୋୟଲ୍ ଏବଂ ନ୍ୟୁଜିଲାଣ୍ଡର ବାଣିଜ୍ୟ ଓ ପୁଞ୍ଜିନିବେଶ ମନ୍ତ୍ରୀ ଟୋଡ୍ ମ୍ୟାକ୍‌ଲେ'ଙ୍କ ମଧ୍ୟରେ ଆଜି ନୂଆଦିଲ୍ଲିରେ ଏନେଇ ଏକ

ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ଗୋୟଲ୍ କହିଛନ୍ତି, ଦ୍ୱିପାକ୍ଷିକ ଭାଗିଦାରିତା କ୍ଷେତ୍ରରେ ଏହା ଏକ ଉଲ୍ଲେଖନୀୟ ମାଇଲ୍‌ଖୁଣ୍ଟ । ଏହା ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ଏବଂ ଅର୍ଥନୈତିକ ସୁଯୋଗକୁ ଦୃଢ଼ୀଭୂତ କରିବ । ସେ କହିଛନ୍ତି, ଦ୍ୱିପାକ୍ଷିକ ବାଣିଜ୍ୟିକ ସମ୍ପର୍କ କ୍ରମଶଃ ବୃଦ୍ଧି ପାଇ ୨୦୨୪ ଏପ୍ରିଲ୍‌ରୁ ୨୦୨୫ ମସିହା ଜାନୁୟାରୀ ମଧ୍ୟରେ ଏକ ବିଲିୟନ୍ ଆମେରିକୀୟ ଡଲାର୍‌ରେ ପହଞ୍ଚିପାରିଛି ।

## ଡିଗ୍ନିଟାରିଜ୍ - ରାଇସିନା

ନୂଆଦିଲ୍ଲୀରେ ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ରାଇସିନା ଆଲୋଚନାରେ ଯୋଗଦେବା ଲାଗି ବିଭିନ୍ନ ଦେଶର ପ୍ରତିନିଧିମାନେ ନୂଆଦିଲ୍ଲୀରେ ପହଞ୍ଚୁଛନ୍ତି । କ୍ୟୁବାର ଉପପ୍ରଧାନମନ୍ତ୍ରୀ ଏଡୁଆର୍ଡୋ ମାର୍ଟିନେଜ୍ ଡିଆଜ୍, ଘାନାର ବୈଦେଶିକ ବ୍ୟାପାର ମନ୍ତ୍ରୀ ସାମୁଏଲ୍ ଓକୁଜେଟୁ ଆବ୍ଲାକ୍ୱା, ଲକ୍‌ଜମ୍ବର୍ଗର ଉପପ୍ରଧାନମନ୍ତ୍ରୀ ଜାଭିଏର୍ ବ୍ୟାଟେଲ୍, ସ୍ଲୋଭେନିଆର ବୈଦେଶିକ ମନ୍ତ୍ରୀ ତାଞ୍ଜା ଫାଜୋନ୍ ପ୍ରମୁଖ ଇତିମଧ୍ୟରେ ନୂଆଦିଲ୍ଲୀରେ ପହଞ୍ଚିସାରିଲେଣି । ପେରୁର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏଲ୍‌ମର୍ ସିଆଲର୍ ସାଲ୍‌ସେଡୋ, ମାଲଦ୍ୱୀପର ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନଶିଦ୍ ମଧ୍ୟ

ପହଞ୍ଚିଥିବା ଖବର ଆମର ହସ୍ତଗତ ହୋଇଛି । ବିଶ୍ୱର ଏହି ପ୍ରତିନିଧିମାନଙ୍କୁ ନୂଆଦିଲ୍ଲୀରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

## ପି.ଏମ୍. ପୋଡ୍‌କାଷ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଶାନ୍ତି ସମ୍ବନ୍ଧରେ ଭାରତର ଉକ୍ତିକୁ ସମଗ୍ର ବିଶ୍ୱ ଶୁଣିଥାଏ । କାରଣ ଭାରତ ହେଉଛି ଗୌତମ ବୁଦ୍ଧ ଏବଂ ମହାତ୍ମାଗାନ୍ଧିଙ୍କ ଭୂମି । ଶ୍ରୀ ମୋଦି ଏ.ଆଇ. ଗବେଷକ ଏବଂ ପୋଡ଼କାଷ୍ଟର ଲେକ୍ସ ଫ୍ରିଡ୍‌ମ୍ୟାନ୍‌ଙ୍କୁ ପୋଡ୍‌କାଷ୍ଟବେଳେ କହିଛନ୍ତି, ଭାରତବାସୀ ସଦ୍‌ଭାବରେ ବିଶ୍ୱାସ କରନ୍ତି ଏବଂ ସର୍ବଦା ଶାନ୍ତି ଚାହାନ୍ତି । ରୁଷ୍-ୟୁକ୍ରେନ୍ ବିବାଦ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ମୋଦି ଉଭୟ ଦେଶ ବୁଝାମଣା ଲାଗି ଆଗେଇ ଆସିଲେ ସମାଧାନର ପନ୍ଥା ବାହାରିପାରିବ ବୋଲି କହିଛନ୍ତି । ସେ କହିଛନ୍ତି, ୟୁକ୍ରେନ୍ ତା'ର ସହଯୋଗୀ ରାଷ୍ଟ୍ରଗୁଡ଼ିକ ସହ ଅନେକଥର କଥାବାର୍ତ୍ତା କରିଛି; କିନ୍ତୁ ଏହା ଫଳପ୍ରଦ ହେବ ନାହିଁ । ଆଲୋଚନାରେ ଦୁଇଦେଶ ଅଂଶଗ୍ରହଣ କଲେ ହିଁ ଏହି ବିବାଦର ସମାଧାନ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସାମ୍ପ୍ରତିକ ସ୍ଥିତି ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଏକ ଫଳପ୍ରଦ ଆଲୋଚନା କରିବାପାଇଁ ସୁଯୋଗ ସୃଷ୍ଟି କରିଛି ବୋଲି ସେ କହିଛନ୍ତି ।

ସେହିପରି ଭାରତ ଓ ଚୀନ୍ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଶ୍ରୀ ମୋଦି କହିଛନ୍ତି, ଉଭୟ ରାଷ୍ଟ୍ରର ପ୍ରାଚୀନ ସାଂସ୍କୃତିକ ଐତିହ୍ୟ ରହିଛି ଏବଂ ଦୁଇ ଦେଶ ମଧ୍ୟରେ ସମ୍ପର୍କ ବହୁ ପୁରାତନ । ବିଶ୍ୱର ବିକାଶ କ୍ଷେତ୍ରରେ ଦୁଇ ଦେଶର ବଳିଷ୍ଠ ଅବଦାନ ରହିଥିବା ଶ୍ରୀ ମୋଦି କହିଛନ୍ତି । ଆଗାମୀ ବର୍ଷରେ ଭାରତ ଓ ଚୀନ୍ ମଧ୍ୟରେ ଦୃଢ଼ ସମ୍ପର୍କ ବଜାୟ ରହିବା ଉଚିତ ବୋଲି ସେ ପୋଡ୍‌କାଷ୍ଟରେ ଉଲ୍ଲେଖ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, କେତେକ ପ୍ରସଙ୍ଗ ନେଇ ପଡ଼ୋଶୀ ଦେଶ ସହିତ ମତପାର୍ଥକ୍ୟ ଏବଂ ସମୟ ସମୟରେ ଅସହମତି ସୃଷ୍ଟି ହୋଇଥାଏ । ଏହି ମତପାର୍ଥକ୍ୟ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ସହ ବିବାଦରେ ପରିଣତ ନ ହେଉ, ତାହା ଉପରେ ଧ୍ୟାନ କେନ୍ଦ୍ରିତ କରାଯିବା ଉଚିତ ବୋଲି ଶ୍ରୀ ମୋଦି ପୋଡ୍‌କାଷ୍ଟରେ କହିଛନ୍ତି । ଯୁବାବର୍ଗଙ୍କ ସମ୍ପର୍କରେ ଶ୍ରୀ ମୋଦି କହିଛନ୍ତି, ସମାଲୋଚନା ଗଣତନ୍ତ୍ରର ଆତ୍ମା । ଯେକୌଣସି ଜଟିଳ ପରିସ୍ଥିତିର ସମାଧାନର ପନ୍ଥା ନିଶ୍ଚିତ ଭାବେ ରହିଛି ।

***Voice :...........***

## ଅମିତ୍ ଶାହା - ଆସାମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଆସାମର ବୋଡୋଲାଣ୍ଡ ଅଞ୍ଚଳର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ

ଅମିତ୍ ଶାହା ଆଜି କହିଛନ୍ତି । କୋକ୍ରାଝରର ଡୋଟ୍‌ମାଠାରେ ଆଜି ବୋଡୋ ଛାତ୍ରସଂଘର ୫୭ତମ ବାର୍ଷିକ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ କହିଛନ୍ତି, ବୋଡୋ ବୁଝାମଣାର ସମସ୍ତ ଧାରା ପୂରଣ କରିବା ନିମନ୍ତେ ସରକାର ପ୍ରତିଶ୍ରୁତିବଦ୍ଧ । ଇତିମଧ୍ୟରେ ବୁଝାମଣାର ୮୨ ପ୍ରତିଶତ ଧାରା ପୂରଣ ହୋଇପାରିଛି ବୋଲି ଶ୍ରୀ ଶାହା ସୂଚନା ଦେଇଛନ୍ତି । ଆଗାମୀ ୨ ବର୍ଷ ମଧ୍ୟରେ ଅବଶିଷ୍ଟ ଧାରା ପୂରଣ କରାଯିବ ବୋଲି ସେ କହିଛନ୍ତି । ସମ୍ପ୍ରତି ବୋଡୋଲ୍ୟାଣ୍ଡ ଅଞ୍ଚଳରେ ଶାନ୍ତି ବଜାୟ ରହିଛି । ପୂର୍ବରୁ ଏହି ଅଞ୍ଚଳ ହିଂସାକାଣ୍ଡପାଇଁ ଜଣାଶୁଣା ଥିଲା । ଏବେ ଯୁବଗୋଷ୍ଠୀ ବିଶୃଙ୍ଖଳା ପରିବର୍ତ୍ତେ ସେହି ଅଞ୍ଚଳର ବିକାଶକୁ ଅଗ୍ରାଧିକାର ଦେଉଛନ୍ତି । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବୋଡୋ ଅଞ୍ଚଳର ଯୁବଗୋଷ୍ଠୀ ସମାଜର ମୁଖ୍ୟସ୍ରୋତକୁ ଫେରିଆସୁଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି । ନୂଆଦିଲ୍ଲୀର ଏକ ସଡ଼କକୁ ଅଖିଳ ବୋଡୋ ଛାତ୍ରସଂଘର ପୂର୍ବତନ ସଭାପତି ତଥା ସମାଜସେବୀ ଉପେନ୍ଦ୍ରନାଥ ବ୍ରହ୍ମାଙ୍କ ନାମରେ ନାମିତ କରିବାପାଇଁ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏହି ଅବସରରେ ଯୋଗଦେଇ ବୋଡୋ ଅଞ୍ଚଳର ବିକାଶ ନିମନ୍ତେ ବହୁ ଶିକ୍ଷା ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ଘୋଷଣା କରିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ ଗୁଆହାଟୀଠାରେ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ନୂତନ ଅପରାଧିକ ଆଇନର କାର୍ଯ୍ୟକାରିତାର ସମୀକ୍ଷା କରିବାର କାର୍ଯ୍ୟସୂଚୀ ରହିଛି ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆସନ୍ତାକାଲି ରାତି ସାଢ଼େ ୯ଟାରେ **ଜନ୍ମଗତ ତ୍ରୁଟି ଏବଂ ତତ୍‌ସଂକ୍ରାନ୍ତ ସମସ୍ୟା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଏମ୍‌ସ ନୂଆଦିଲ୍ଲୀର ଶିଶୁ ଅସ୍ତ୍ରୋପଚାର ବିଭାଗର ପ୍ରଫେସର ଡାକ୍ତର ପ୍ରବୁଧ ଗୋୟଲ ଏବଂ ନୂଆଦିଲ୍ଲୀସ୍ଥିତ ସ୍ୱାମୀ ଦୟାନନ୍ଦ ହସ୍ପିଟାଲ୍ ଶିଶୁବିଭାଗ ମୁଖ୍ୟ ଡାକ୍ତର ସୁରେନ୍ଦ୍ର ସିଂହ ବିଷ୍ଟ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍‌ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆସନ୍ତାକାଲି ରାତି ୯ଟା ୩୦ ମିନିଟ୍‌ରେ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air officialରେ ଏହା ଉପଲବ୍ଧ ହେବ ।

# ମାସିଡୋନିଆ - ଫାୟାର୍

ଉତ୍ତର ମାସିଡୋନିଆର ପୂର୍ବାଞ୍ଚଳ ସହ କୋକାନିଠାରେ ଏକ ନାଇଟ୍ କ୍ଲବ୍‌ରେ ଅଗ୍ନିକାଣ୍ଡ ଘଟି ୫୧ ଜଣଙ୍କର ମୃତ୍ୟୁ ଘଟିବା ସହ ଶହେରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି । ସେହି କ୍ଲବ୍‌ରେ ଦେଢ଼ ହଜାରରୁ ଊର୍ଦ୍ଧ୍ୱ ଲୋକ ଥିଲେ । ଏକ ବୈଦ୍ୟୁତିକ ଯନ୍ତ୍ରରେ ସଟ୍ ସର୍କିଟ୍ ଯୋଗୁଁ ନିଆଁ ଲାଗିଥିଲା ବୋଲି ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି ବୋଲି ସେଠାକାର ଆଭ୍ୟନ୍ତରୀଣ ମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀ ହ୍ରିଷ୍ଟିଜାନ ମିକୋସ୍କି ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ଘଟଣାର ତଦନ୍ତପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

*****